ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୯ ଜୁଲାଇ, ୨୦୨୦

## ଦାଦାବଟି ଆଦାୟ କରୁଥିବା ୨ ଯୁବକ ଗିରଫ

ଡେରାବିଶ, (ସ୍ୱ.ପ୍ର.): ଡେରାବିଶ ଥାନା ଅଧୀନ ବଳଭଦ୍ରପୁରଠାରେ ଅଟକିଥିବା ଟ୍ରକ ଡ୍ରାଇଭରଙ୍କଠାରୁ ଜବରଦସ୍ତ ବଟି ଆଦାୟ କରୁଥିବା ୨ ଯୁବକଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ନୃସିଂହ ଚରଣ ପଣ୍ଡା (୨୫), ଭାଗୀରଥି ଦାସ (୨୩)। ପୋଲିସ ସେମାନଙ୍କଠାରୁ ଏକ ବାଇକ୍ (ଓଡ଼ି-୦୪-୬୯୩୧) ଜବତ କରିଛି। ଜାତୀୟ ରାଜପଥରେ ଲୁହାପଥର ବୋଝେଇ ଟ୍ରକ ଛିଡ଼ା ହୋଇ ରହୁଥିବାରୁ ସୋମବାର ସନ୍ଧ୍ୟାରେ ଯୁବକଦ୍ୱୟ ସେଠାରେ ଟ୍ରକ ଡ୍ରାଇଭରଙ୍କଠାରୁ ଦାଦାବଟି ଆଦାୟ ପାଇଁ ଜୁଲମ କରୁଥିବା ସମୟରେ ପୋଲିସ ହାବୁଡ଼ରେ ପଡ଼ିଥିଲେ।



## ସଂକ୍ଷେପରେ

### କାଳିଆ ସହାୟତା ଫେରସ୍ତ ପାଇଁ ନୋଟିସ

ଭାପୁର/ଖଣ୍ଡପଡ଼ା,୨୮।୭ (ଡି.ଏନ.ଏ./ସ୍ୱ.ପ୍ର.): ଗତ ଆର୍ଥିକ ବର୍ଷରେ କାଳିଆ ଯୋଜନାରେ ରାଜ୍ୟ ସରକାର ଦେଇଥିବା ସହାୟତା ଅଯୋଗ୍ୟ ହିତାଧିକାରୀଙ୍କଠାରୁ ଫେରାଇବା ନିମନ୍ତେ ନୋଟିସ୍ କରିଛନ୍ତି। ସହାୟତା ରାଶି ୧ମାସ ମଧ୍ୟରେ ଫେରସ୍ତ ପାଇଁ ନୟାଗଡ଼ ମୁଖ୍ୟ କୃଷି ଅଧିକାରୀଙ୍କ ସ୍ୱାକ୍ଷର ସମ୍ବଳିତ ଚିଠି ଅଯୋଗ୍ୟ ହିତାଧିକାରୀଙ୍କ ପାଖକୁ ଆସିଛି। ଭାପୁର ବ୍ଲକ ବିଜିପୁର ପଞ୍ଚାୟତର ୧୯, ଫତେଗଡର ୧୨, ପଦ୍ମାବତୀ ୭, ଶାସନରୁ ୭, କରବର ୩୨, ବଡସହରା ୧୧, ନିମାଣି ୧୦, ଚକ୍ରଧରପ୍ରସାଦ ୩୨, ଗୋଲାପୋଖରୀ ୧୧, ଭଗବାନପୁର ୧୪, ବାଘୁଆପଲ୍ଲୀ ୨୯, ବାଇଗୁଣିଆ ୩୨, ଭାପୁର ୩୨, ଶାଳପଡା ୧୮, କଇଁଫୁଲିଆ ୮, ବାଉଁଶବାଟି ୧୦, ଧାନଚେଙ୍ଗଡା ୫, ପଥରଚକଡା ୬ ଓ ରାକମା ପଞ୍ଚାୟତର ୭ଜଣଙ୍କ ପାଖକୁ ଏହି ନୋଟିସ ଆସିଛି।

### ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ନୟାଗଡ଼ ଅଫିସ/ଦଶପଲ୍ଲା, ୨୮।୭(ଡି.ଏନ୍.ଏ.): ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶଙ୍କର୍ଷଣ ନାୟକ, ଘର ଦଶପଲ୍ଲା ବ୍ଲକ ଶିମିଳିସାହି ପଞ୍ଚାୟତ ଦେଢ଼ଶର ଗାଁରେ। ଶଙ୍କର୍ଷଣଙ୍କ ସହ ସ୍ତ୍ରୀ ନିବାସୀ, ପଡୋଶୀ ତ୍ରିଲୋଚନ ପ୍ରଧାନ, ଉପେନ୍ଦ୍ର ଦେହୁରୀ ପ୍ରମୁଖ ସୋମବାର ଅପରାହ୍ନରେ ବିଲରେ ରବି ଫସଲ କାମ କରୁଥିଲେ। ହଠାତ୍ ବର୍ଷା ପବନ ସାଙ୍ଗକୁ ବଜ୍ରପାତ ହୋଇଥିଲା। ଏଥିରେ ଅନ୍ୟମାନେ ସାମାନ୍ୟ ଆହତ ହୋଇଥିବାବେଳେ ଶଙ୍କର୍ଷଣ ଗୁରୁତର ହୋଇଥିଲେ। ତାଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

### କ୍ରାନ୍ତି ଦିବସରେ ସମ୍ବର୍ଦ୍ଧିତ ହେବେ ନୀଳମଣି, ଦଧୀଚି

ଯାଜପୁର ଟାଉନ୍/ଚଣ୍ଡିଖୋଲ/ବରୀ, ୨୮।୭ (ଡି.ଏନ୍.ଏ.): ଯାଜପୁର ଜିଲାର ୨ଜଣ ସ୍ୱାଧୀନତା ସଂଗ୍ରାମୀ ଆସନ୍ତା ଅଗଷ୍ଟ ୯ କ୍ରାନ୍ତି ଦିବସରେ ସମ୍ବର୍ଦ୍ଧିତ କରାଯିବ। ସେମାନେ ହେଲେ ବଡ଼ଚଣା ବ୍ଲକ ବାଲିପଡ଼ିଆର ନୀଳମଣି ସାମଲ ଓ ବରୀ ବ୍ଲକ କଳାମାଟିଆ ପଞ୍ଚାୟତ ଉପରକାଇପଡାର ଦଧୀଚି ସାହୁ। କୋଭିଡ୍-୧୯ ଯୋଗୁ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଉପ ଜିଲାପାଳମାନେ ସ୍ୱାଧୀନତା ସଂଗ୍ରାମୀଙ୍କୁ ସେମାନଙ୍କ ଘରେ ସମ୍ମାନିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ ରଞ୍ଜନ କୁମାର ଦାସ ଉଭୟ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

### ମହାବିଦ୍ୟାଳୟ ୱେବ୍‌ସାଇଟ୍ ଲୋକାର୍ପିତ

ମାର୍ଶାଘାଇ, ୨୮।୭(ଡି.ଏନ.ଏ.): ମାର୍ଶାଘାଇ ମହାବିଦ୍ୟାଳୟର ୱେବ୍‌ସାଇଟ ମଙ୍ଗଳବାର ଲୋକାର୍ପିତ ହୋଇଛି। ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏହାକୁ ମହାବିଦ୍ୟାଳୟ ପରିସରରେ ଉନ୍ମୋଚିତ କରିଛନ୍ତି। ଏଥିସହିତ ମହାବିଦ୍ୟାଳୟ ପରିସରରେ ଏକ ସମ୍ମାନ ଭବନ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଅଧକ୍ଷ ଡ. ଅମୀୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସଚିବ ରାଜଶ୍ରୀ ମହାନ୍ତି, ସସ୍ମିତ ପଣ୍ଡା, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ ପ୍ରମୁଖ ଭର୍ଚୁଆଲ ଅଭିଭାଷଣ ରଖିଥିଲେ।

### କରୋନା ଯୋଦ୍ଧା ଆକ୍ରାନ୍ତ: ୨ ୱାର୍ଡ ୭ଦିନ କଣ୍ଟେନମେଣ୍ଟ ଜୋନ୍

ଡେରାବିଶ,୨୮।୭(ସ୍ୱ.ପ୍ର.): ଡେରାବିଶ ବ୍ଲକର ଜଣେ କରୋନା ଯୋଦ୍ଧା କରୋନା ଆକ୍ରାନ୍ତ ହୋଇଛନ୍ତି। ବ୍ଲକର ଏହା ପ୍ରଥମ ଘଟଣା। ଆକ୍ରାନ୍ତ ଜଣକ ୨୮ ବର୍ଷର ଯୁବକ। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟରତ ଥାଇ କୋଭିଡ୍-୧୯ କାର୍ଯ୍ୟରେ ନିୟୋଜିତ ଥିଲେ। ପଜିଟିଭ୍ ବାହାରିବା ପରେ ସୋମବାର ତାଙ୍କୁ କୋଭିଡ୍ ହସ୍ପିଟାଲ୍‌କୁ ପଠାଯାଇଛି। ବାଲିଆ ପଞ୍ଚାୟତରେ ସେ ନିଜ ଘରେ ରହିଥିବାରୁ ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ସରପଞ୍ଚ ଜୟନ୍ତୀ ମହାନ୍ତି ମଙ୍ଗଳବାର ସନ୍ଧ୍ୟା ୫ଟାଠାରୁ ୭ଦିନ ପାଇଁ ପଞ୍ଚାୟତର ୫ ଓ ୬ନଂ. ୱାର୍ଡକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି।

# କେନାଲରେ ପାଣି ନାହିଁ, ଜମି ପଡ଼ିଆ

ବିରିଡ଼ି ବ୍ଲକ

■ଆନ୍ଦୋଳନକୁ ଓହ୍ଲାଇବେ ଚାଷୀ

ବାଲିଆ, ୨୮।୭

ବିରିଡି ବ୍ଲକ ଅଧୀନ ୨୨ ମୌଜା ଚାଷୀଙ୍କୁ କନ୍ଦାଉଛି ଜଳସେଚନ ବିଭାଗ। କେନାଲରେ ପାଣି ଆସୁ ନ ଥିବାରୁ ଶହଶହ ଏକର ଚାଷ ଜମି ପଡ଼ିଆ ପଡ଼ିଛି, ସେଥିରେ ଗୋରୁ ଚରୁଛନ୍ତି। ଧାନତଳିଗୁଡ଼ିକ ବୁଢା ହୋଇଗଲାଣି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଶୀଘ୍ର ପାଣି ଆସିବା ବ୍ୟବସ୍ଥା କରିବାକୁ ସିଦ୍ଧେଶ୍ୱର ପାଣି ପଞ୍ଚାୟତ ସଭାପତି ଶିବପ୍ରସାଦ ଜେନା, ଦଧିବାମନ ପାଣି ପଞ୍ଚାୟତ ସଭାପତି କାଳନ୍ଦୀଚରଣ ବସ୍ତିଆ, ଗୋପୀନାଥ ପାଣି ପଞ୍ଚାୟତ ସଭାପତି ରବୀନ୍ଦ୍ର ସାହୁ, ବଟେଶ୍ୱର ପାଣିପଞ୍ଚାୟତ କୋଷାଧ୍ୟକ୍ଷ ସୁଦର୍ଶନ ଦାବି କରିଛନ୍ତି। ଏଥିସହିତ ଚାଷୀଙ୍କୁ ହଇରାଣ କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

ପ୍ରକାଶଯୋଗ୍ୟ, ୨୨ମୌଜାର ବମ୍ପିଲୋ ଡିଷ୍ଟ୍ରିବ୍ୟୁଟାରି ସମେତ ବାସନ୍ଦରା, ଉକୁନ୍ଦରା ଶାଖା କେନାଲ ଶୁଖିଲା ପଡ଼ିଥିବାରୁ ବମ୍ପିଲୋ ବାସନ୍ଦରା, ବାଇପଦା, ଅଲିପଡା, ରାୟରଘୁନାଥପୁର, ଉକୁନ୍ଦରା, ନଇଁଲୋ, ବରଡିଆ ମୌଜାର ଜମିରେ ଏ ପର୍ଯ୍ୟନ୍ତ ଲଙ୍ଗଳ ପସି ପାରିନାହିଁ। ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ସେହିପରି ପାର୍ବତୀପୁର, ଶଙ୍ଖାରୀସାହି, ପୁରଣ, ମଙ୍ଗୁଲି, ଖରମଙ୍ଗା, ମଇନ୍ଦପୁର, ଚାଷୀଖଣ୍ଡ, ବାଗଲପୁର ମୌଜାର ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଚାଷୀ ଶରତ ଚନ୍ଦ୍ର ବିଶ୍ୱାଳ, ଜ୍ଞାନରଞ୍ଜନ ଜେନା, ରମେଶ ଚନ୍ଦ୍ର ମହାପାତ୍ର, ଅରୁଣ ରଞ୍ଜନ ମହାନ୍ତି, ଚିତ୍ତରଞ୍ଜନ ଜେନା, ବ୍ରଜକାନ୍ତ ମହାନ୍ତି, ହରେକୃଷ୍ଣ ବିଶ୍ୱାଳ, ବିଷ୍ଣୁଚରଣ ବିଶ୍ୱାଳ, ଶଙ୍କର ବିଶ୍ୱାଳ, ବିଷ୍ଣୁ ଚରଣ ମଲିକ, ବାଇଧର ଜେନା, କଣ୍ଟୁରି ଦାସ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଶୀଘ୍ର କେନାଲରେ ପାଣି ଛାଡିବାକୁ ଦାବି କରିଛନ୍ତି। ଯଦି ପାଣି ଶୀଘ୍ର ଛଡା ନ ଯାଏ ୨୨ ମୌଜା ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଦଳପତି ମଣ୍ଡଳଙ୍କୁ ପଚାରିବାରୁ ସେ କହିଛନ୍ତି, ଚାଷୀଙ୍କୁ ପାଣି ଯୋଗାଇବା ପାଇଁ ଶଙ୍ଖାରିସାହି ସେକ୍ସନରେ ଜେଣ ଯନ୍ତ୍ରୀ ଅଛନ୍ତି। ସେ ପାଣି କେମିତି ଚାଷୀଙ୍କ ପାଖରେ ପହଞ୍ଚିବ ତାହାର ବ୍ୟବସ୍ଥା କରିବେ। ଆବଶ୍ୟକ ହେଲେ କଟକ-ମାଛଗାଁ ମୁଖ୍ୟ କେନାଲର ଅଷ୍ଟଶମ୍ଭୁ ପାଖରେ ହୋଇଥିବା ସାଇଫନ୍ ମାଧ୍ୟମରେ ପାଣି ଯୋଗାଇବେ। ଏନେଇ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ।



୨୨ ମୌଜା ଅଞ୍ଚଳର ଚାଷଜମି ପଡ଼ିଆ ପଡ଼ିଛି।

# ହତ୍ୟାକାରୀଙ୍କୁ ଧରିପାରୁନି ପୋଲିସ

ପୃଥକ୍ ହତ୍ୟା ମାମଲା

■ଆନ୍ଦୋଳନ ପାଇଁ ସଜବାଜ

ନୟାଗଡ଼ ଅଫିସ, ୨୮।୭

ନୟାଗଡ଼ ସଦର ଥାନାର ଯଦୁପୁର, ଟାଉନ ଥାନାର ଡିଆଁପଡା ଓ ତୁଳସୀପୁର ଗାଁରେ ଜୁନ ଓ ଜୁଲାଇରେ ପୃଥକ୍ ଭାବେ ୩ ହତ୍ୟା ଘଟଣା ଘଟିଛି। ହେଲେ ହତ୍ୟାକାରୀଙ୍କୁ ଧରିବାରେ ଉଭୟ ଥାନାର ପୋଲିସ ଅସମର୍ଥ ହୋଇଛି । ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ୩ ମୃତକଙ୍କ ପରିବାର ପକ୍ଷରୁ ବାରମ୍ବାର ନିବେଦନ ସତ୍ତ୍ୱେ ସୁଫଳ ମିଳୁନି। ସେପଟେ ହତ୍ୟାକାଣ୍ଡ ଘଟାଇ ଅଭିଯୁକ୍ତ ନିର୍ବିଘ୍ନରେ ବୁଲୁଥିବାରୁ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ମୃତକଙ୍କ ପରିବାର ଲୋକେ ନ୍ୟାୟ ପାଇଁ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି।

ଯଦୁପୁର ଗାଁର ଅଶୋକ ସାହୁଙ୍କ ୬ ବର୍ଷୀୟା ଝିଅ ଅମ୍ରିତା ଦାଣ୍ଡପଟେ ଖେଳୁଥିବାବେଳେ କୁଆଡେ ନିଖୋଜ ହୋଇଯାଇଥିଲେ। ପୋଲିସ ଅନୁସନ୍ଧାନ କରି ମଧ୍ୟ ଘଟଣାର ଟେର ପାଇ ନ ଥିଲା। ଶେଷରେ ୯ଦିନ ପରେ ଶିଶୁର ଗଳିତ ମୃତଦେହ ବାରିପଟୁ ଉଦ୍ଧାର ହୋଇଥିଲା। ଅଭିଯୋଗ ପରେ ପୋଲିସ ହତ୍ୟା ମାମଲା (ନଂ.୯୮/୨୦) ରୁଜୁ କରି ତଦନ୍ତ ଚାଲୁ ରଖିଛି। ପ୍ରତ୍ୟହ କିଛି ଲୋକଙ୍କୁ ଥାନାକୁ ଡାକି ପଚରାଉଚୁରା କରୁଛି। ସେହିଭଳି ନୟାଗଡ ଟାଉନ ଥାନାର ଡିଆଁପଡା ଗାଁ ନିକଟ ଜଙ୍ଗଲିଆ ଅଞ୍ଚଳରେ ଫସଲ ଜଗିଥିବା ପ୍ରହଲ୍ଲାଦ ଜେନା(୬୫)ଙ୍କୁ କେହି ଦୁର୍ବୃତ୍ତ ଶିଳରେ ଛେଚି ହତ୍ୟା କରିଥିଲେ। ଜୁଲାଇ ୧ରେ ଘଟିଥିବା ଏହି ହତ୍ୟାକାଣ୍ଡର ରହସ୍ୟ ପୋଲିସ ଏଯାବତ ଉନ୍ମୋଚନ କରିପାରୁ ନାହିଁ। ବଡପୁଅ ବାସୁଦେବଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୯୭/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ଅନୁରୂପ ଭାବେ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ତୁଳସୀପୁର ପୋଲ ତଳୁ ତୁଳସୀପୁରର ପୂର୍ଣ୍ଣଚନ୍ଦ୍ର ଲେଙ୍କା (୪୨)ଙ୍କ ମୃତଦେହ ଜୁନ ୧ରେ ଉଦ୍ଧାର ହୋଇଥିଲା। ମେ ୩୧ ରାତିରେ କେହି ଦୁର୍ବୃତ୍ତ ତାଙ୍କୁ ମାରି ଫୋପାଡି ଦେଉଥିବା ଅନୁମାନ କରାଯାଥିଲା। ଏହି ହତ୍ୟାକାଣ୍ଡର ଦେଢ଼ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ମୃତକଙ୍କ ଭାଇ ରଙ୍କନିଧିଙ୍କ ଅଭିଯୋଗ କ୍ରମେ ନୟାଗଡ ଟାଉନ ଥାନା ପୋଲିସ ୮୧/୨୦ରେ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏ ନେଇ ଟାଉନ ଥାନା ଆଇଆଇସି ଜୟଦୀପ ମହାନ୍ତି କୁହନ୍ତି, ହତ୍ୟାକାରୀଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି । ଖୁବ୍‌ଶୀଘ୍ର ଦୁଇ ମାମଲାର ରହସ୍ୟ ଉନ୍ମୋଚନ ହେବ। ସଦର ଥାନା ଆଇଆଇସି ରିନାରାଣୀ ସାହୁ କୁହନ୍ତି, ଯଦୁପୁର ନାବାଳିକା ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିବାକୁ ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିଛି।

# ଜଗତ୍‌ସିଂହପୁରରେ ପୁଣି ୪୭ ପଜିଟିଭ୍

ଜଗତ୍‌ସିଂହପୁର ଅଫିସ,୨୮।୭

ଜଗତ୍‌ସିଂହପୁର ଜିଲାରେ ମଙ୍ଗଳବାର ପୁଣି ୪୭ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତ ସଂଖ୍ୟା ୬୮୧ରେ ପହଞ୍ଚିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଚିହ୍ନଟ ୪୭ ପଜିଟିଭ୍‌ଙ୍କ ମଧ୍ୟରୁ ବିରିଡ଼ିରୁ ୨୦, ରଘୁନାଥପୁର ୧୩, ପାରାଦୀପ ୪, କୁଜଙ୍ଗ ୩, ତିର୍ତ୍ତୋଲ ୨, ଏରସମା ୧, ବାଲିକୁଦା ୧, ଜଗତ୍‌ସିଂହପୁର ବ୍ଲକ ୨ ଓ ଜଗତ୍‌ସିଂହପୁର ଉପକାରାଗାରରୁ ଜଣେ ରହିଛନ୍ତି।

ବିରିଡ଼ିର ଚିହ୍ନଟଙ୍କ ମଧ୍ୟରୁ ପଞ୍ଜାବ ଓ କର୍ଣ୍ଣାଟକରୁ ଜଣେ ଲେଖାଏ ଫେରିଛନ୍ତି। ଅନ୍ୟଜଣେ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ୧୭ଜଣ ହୋମ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ପଜିଟିଭ୍ ହୋଇଛନ୍ତି। ରଘୁନାଥପୁରର ଆକ୍ରାନ୍ତଙ୍କ ମଧ୍ୟରୁ ରାଜସ୍ଥାନରୁ ଜଣେ ଓ ହୋମ କ୍ୱାରାଣ୍ଟାଇନ୍‌ରେ ଥିବା ୧୨ ଜଣ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଛନ୍ତି। ପାରାଦୀପର ୪ଜଣଙ୍କ ମଧ୍ୟରୁ ଜଣେ ପଶ୍ଚିମବଙ୍ଗ ଫେରନ୍ତା ଓ ସେ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ପଞ୍ଜାବର ଜନୈକ ବ୍ୟକ୍ତି ଯାଜପୁରରେ ରହୁଥିଲେ। ସେ ଜଗତ୍‌ସିଂହପୁର ଆସି ପେଡ୍ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ପଜିଟିଭ୍ ହୋଇଛନ୍ତି। ଅନ୍ୟ ୨ଜଣ ସମ୍ ହସ୍ପିଟାଲରେ ସ୍ୱାବ୍ ପରୀକ୍ଷା କରିବାରୁ ରିପୋର୍ଟ ପଜିଟିଭ୍ ଆସିଛି। କୁଜଙ୍ଗ ଆକ୍ରାନ୍ତଙ୍କ ମଧ୍ୟରୁ ତାମିଲନାଡୁରୁ ୨ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସୋଲେଶନ୍‌ରେ ଥିବା ଜଣେ ରହିଛନ୍ତି। ସେ ଜଣେ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିଲେ। ତିର୍ତ୍ତୋଲ ସଂକ୍ରମିତଙ୍କ ମଧ୍ୟରୁ ଜଣେ ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସୋଲେଶନ୍‌ରେ ଥିବା ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଅନ୍ୟଜଣକ ଭୁବନେଶ୍ୱରରେ ଆଇସୋଲେଶନ୍‌ରେ ଥିଲେ। ଏରସମାର ଜଣକ ଏସ୍‌ସିବି ଆଇସୋଲେଶନ୍ ୱାର୍ଡରେ ଥିବାବେଳେ ସଂକ୍ରମିତ ହୋଇଛନ୍ତି। ବାଲିକୁଦାର ଜଣକ ଛତିଶଗଡ଼ ଫେରନ୍ତା। ଜଗତ୍‌ସିଂହପୁର ବ୍ଲକର ୨ଜଣଙ୍କ ମଧ୍ୟରୁ ଜଣେ ସୌଦି ଆରବ ଫେରନ୍ତା। ସେ ଏସ୍‌ସିବି ମେଡିକାଲ କଲେଜ ଆଇସୋଲେଶନ୍ ୱାର୍ଡରେ ଥିବାବେଳେ ପଜିଟିଭ୍ ହୋଇଛନ୍ତି। ଅନ୍ୟଜଣକ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିହ୍ନଟ ହୋଇଛନ୍ତି। ଜଗତ୍‌ସିଂହପୁର ଉପକାରାଗାରରୁ ମଧ୍ୟ ଜଣେ ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାଯାଇଛି।

## ପୁରୁଣାବସନ୍ତ ଗ୍ରାମ ଶଟ୍‌ଡାଉନ୍

ରଘୁନାଥପୁର,୨୮।୭(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଅଧୀନ ପୁରୁଣାବସନ୍ତ ଗ୍ରାମର ଆନନ୍ଦପୁର ସାହିରୁ ମଙ୍ଗଳବାର ୧୨ କରୋନା ପିଜିଟିଭ ଚିହ୍ନଟ ହୋଇଛନ୍ତି। ଏହାପରେ ପୁରୁଣାବସନ୍ତ ଗ୍ରାମକୁ ରବିବାର ପର୍ଯ୍ୟନ୍ତ ଶଟ୍‌ଡାଉନ କରାଯାଇଛି ଓ ଆନନ୍ଦପୁର ସାହିକୁ ସିଲ କରିଦିଆଯାଇଛି। ପାଞ୍ଚ ଦିନ ତଳେ ଅଞ୍ଚଳର ଜଣେ ମହିଳା କଟକ ଏସ୍‌ସିବିରୁ ତାଙ୍କ ସ୍ୱାମୀଙ୍କ ଅପରେଶନ କରାଇ ଫେରିବା ପରେ ଅସୁସ୍ଥ ହୋଇଥିଲେ। ତାଙ୍କୁ ଜଗତ୍‌ସିଂହପୁର ନିଆଯିବା ପରେ ସେ ପଜିଟିଭ ଜଣାପଡ଼ିଥିଲେ। ମହିଳାଙ୍କ ଏସସିବି ଲିଙ୍କ୍ ଥିବା ଜଣାପଡିବାରୁ ରବିବାର ସେହି ଗ୍ରାମର ୮୬ ଜଣଙ୍କ ସ୍ୱାବ୍ ପରୀକ୍ଷା ହୋଇଥିଲା। ସଂକ୍ରମିତ ମହିଳାଙ୍କ ସଂସ୍ପର୍ଶରେ ଆସି ଏମାନେ ସଂକ୍ରମଣର ହୋଇଥିବା କୁହାଯାଉଛି। ଏମାନଙ୍କ ମଧ୍ୟରୁ ୩ ଛୋଟ ପିଲା, ୬ ମହିଳା ଓ ୩ ପୁରୁଷ ଅଛନ୍ତି। ସନ୍ଧ୍ୟାରେ ୭ଜଣଙ୍କୁ ପାରାଦୀପ କୋଭିଡ ହସ୍ପିଟାଲ, ୨ଜଣଙ୍କୁ କିମ୍ସ ଓ ୩ ଜଣଙ୍କୁ ଜଗତ୍‌ସିଂହପୁର କୋଭିଡ କେୟାରକୁ ପଠାଇ ଦିଆଯାଇଥିବା ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ସରପଞ୍ଚ ଚନ୍ଦନା ମହାନ୍ତି ସ୍ଥିତି ପ୍ରତି ନଜର ରଖିବା ସହ ଜନସାଧାରଣ ବ୍ୟସ୍ତ ବିବ୍ରତ ନ ହେବା ପାଇଁ ପରାମର୍ଶ ଦେଇଛନ୍ତି।



ପାରାଦୀପ ମଧୁବନ ଜଗନ୍ନାଥ କଲୋନୀର ଜଣେ ମହିଳା ଟ୍ରଲିରେ ଜାଳ ସଂଗ୍ରହ କରି ଘରକୁ ଫେରୁଛନ୍ତି।

# ପ୍ରଶାସନ ଶୁଣିଲାନି: ରାସ୍ତା ସମତୁଲ କଲେ ଗ୍ରାମବାସୀ



ଜଙ୍ଗଲଘେରି ଗାଁ ରାସ୍ତାକୁ ଗ୍ରାମବାସୀ ସମତୁଲ କରୁଛନ୍ତି।

ମହାକାଳପଡା,୨୮।୭(ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତର ସ୍ଥାନୀୟ ଜଙ୍ଗଲଘେରି ଗ୍ରାମକୁ ସବୁଦିନିଆ ରାସ୍ତା ନ ଥିଲା । ପ୍ରଶାସନ ନ ଶୁଣିବାରୁ ଅର୍ଦ୍ଧନିର୍ମିତ ହୋଇରହିଥିବା ଏହି ଗାଁ ରାସ୍ତାକୁ ଗ୍ରାମବାସୀ ମିଳିତ ହୋଇ ସମତୁଲ କରୁଛନ୍ତି। ୨ ମାସ ପୂର୍ବେ ଗ୍ରାମ ପଞ୍ଚାୟତ ଅଧୀନରେ ଏହି ରାସ୍ତା ତିଆରି କରାଯାଇଥିଲା। ମାତ୍ର ଅଧାରୁ ଠିକାଦାର କାମ ଛାଡ଼ି ପଳାଇଥିଲା। ଏଥିଯୋଗୁ ଗାଁରେ ଜରୁରିକାଳୀନ ସେବା ପହଞ୍ଚିପାରୁ ନ ଥିଲା। ରୋଗୀଙ୍କୁ ହସ୍ପିଟାଲ ନେବାକୁ ହେଲେ ୨ କିଲୋମିଟର ପର୍ଯ୍ୟନ୍ତ ବାଉଁଶ ଚାରରେ ବୋହିବାକୁ ପଡୁଥିଲା। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ଫଳପ୍ରଦ ନ ହେବାରୁ ଶେଷରେ ଗ୍ରାମବାସୀ ବାଧ୍ୟ ହୋଇ କୋଡ଼ି, କୋଦାଳ ଓ ଶାବଳ ସାହାଯ୍ୟରେ ଗାଁ ରାସ୍ତା ସମତୁଲ କରୁଛନ୍ତି। ବିନା ପାରିଶ୍ରମିକରେ ପ୍ରାୟ ସପ୍ତାହେ ଗାଁର ୧୦ ଜଣ ବ୍ୟକ୍ତି କାମ କରୁଛନ୍ତି ବୋଲି ସୁଦନ ଭକ୍ତା, ଲକ୍ଷ୍ମୀଧର ଆହାଡ଼ି, ସୁବାସ ଭକ୍ତା ଓ ସପନ ଭକ୍ତା ପ୍ରମୁଖ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଦେବାଶିଷ ରାଉତ କହିଛନ୍ତି ଗାଁ ରାସ୍ତାରେ ମୋରମ ପଡ଼ିବା ପାଇଁ ବ୍ୟବସ୍ଥା କରାଯାଉଛି। ଏଥିସହ ରାସ୍ତା କାମ କରିଥିବା ବ୍ୟକ୍ତିଙ୍କୁ କିଛି ପାଉଣା ଦେବାକୁ ବନ୍ଦୋବସ୍ତ କରାଯାଉଛି।

# ନାଉଗାଁର ୨୦୩ ଅଯୋଗ୍ୟ ଫେରାଇବେ କାଳିଆ ଟଙ୍କା

ନାଉଗାଁ,୨୮।୭(ସ୍ୱ.ପ୍ର.)

କାଳିଆ ଯୋଜନାରେ ସାମିଲ ଅଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ଫେରାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମାକୁ ଭିତ୍ତିକରି ନାଉଗାଁ ବ୍ଲକ ଅଞ୍ଚଳର ୨୦୩ ଅଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ଫେରାଇବା ପାଇଁ କୃଷି ବିଭାଗ ପକ୍ଷରୁ ନୋଟିସ ହୋଇଛି। ପାଇଥିବା ସହାୟତା ରାଶିକୁ ନିର୍ଦ୍ଧାରିତ ଆକାଉଣ୍ଟରେ ଜମା କରିବାକୁ ମୋବାଇଲରେ ମ୍ୟାସେଜ ଦିଆଯାଇଛି। ସହାୟତା ରାଶିକୁ ଏକ ମାସ ମଧ୍ୟରେ ଜମା କରିବାକୁ ଜିଲା ମୁଖ୍ୟ କୃଷି ଅଧିକାରୀ ନୋଟିସ ମାଧ୍ୟମରେ ଜଣାଇଛନ୍ତି। ବ୍ଲକ କୃଷି ବିଭାଗ ସୂଚନା ଅନୁସାରେ ତାଲିକାରେ ସର୍ବାଧିକ ୮୨ କୋରୁଅ ପଞ୍ଚାୟତର ରହିଛନ୍ତି। ବାଂଶ ପଞ୍ଚାୟତରେ ସର୍ବନିମ୍ନ ୨ ଅଛନ୍ତି। ଏହାବାଦ୍ ନାଉଗାଁରୁ ୬, ରୋହିଆ ୭, ଡେରିକି ୪, ବଛାଲୋ ୧୧, ଶିଖର ୮, ଓଷକଣା ୫, ତିରୁଣା ୪, ଅଲଣା ୧୦, ଜାମୁଗାଁ ୭, ଘୋଡାଂଶ ୧୩, ଗଜରାଜପୁର ୧୮, ଗଲଦାରୀ ୧୪ ଓ ନୂଆଗାଁରୁ ୯ ଜଣ ରହିଛନ୍ତି।

ବ୍ଲକ କୃଷି ବିଭାଗ କର୍ମଚାରୀମାନେ ତତ୍କାଳ ପଦକ୍ଷେପଭାବେ ନୋଟିସ ବାଣ୍ଟିବାରେ ଲାଗି ପଡ଼ିଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ପକ୍ଷରୁ ଜାରି କରାଯାଇଥିବା ଏହି ନୋଟିସରେ ଉଲ୍ଲେଖ ରହିଛି, ଯେ କାଳିଆ ହିତାଧିକାରୀ ତାଲିକାରୁ ବାଦ ପଡିଥିବାରୁ ଆପଣ ପାଇଥିବା ସହାୟତା ରାଶି ଫେରସ୍ତ ନିମନ୍ତେ ଅନୁରୋଧ ପତ୍ର। ଏମାନଙ୍କ ମଧ୍ୟରୁ କେତେଜଣ ଗୋଟିଏ କିସ୍ତି ଅର୍ଥାତ ୫ ହଜାର ଟଙ୍କା ଆଉ କେତେଜଣ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ପାଇଛନ୍ତି। କେଉଁ ହିତାଧିକାରୀ କେତେ ଟଙ୍କା ଫେରସ୍ତ କରିବେ ତାହା ନୋଟିସରେ ଉଲ୍ଲେଖ କରାଯାଇନାହିଁ। ନୋଟିସ ପ୍ରଦାନ କରାଯାଉଥିବା ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ଅଧିକାଂଶ ସରକାରୀ ଚାକିରିଆ ଓ ଟାକ୍ସ ପ୍ରଦାନ କରୁଥିବା ବ୍ୟକ୍ତି ରହିଛନ୍ତି ବୋଲି ବ୍ଲକ ସହ କୃଷି ଅଧିକାରୀ ନିର୍ମାଲ୍ୟ ନାୟକ ପ୍ରକାଶ କରିଛନ୍ତି।

## ଆଳିର ୨ ଗାଁ ଶଟ୍‌ଡାଉନ

ଆଳି,୨୮।୭(ଡି.ଏନ୍.ଏ.)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଆଳି ବ୍ଲକର ୨ ଗାଁରେ ଶଟ୍‌ଡାଉନ ଘୋଷଣା କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଚଣ୍ଡିଆଗଡି ପଞ୍ଚାୟତର ଚଣ୍ଡିଆଗଡି ଓ ମାଳପାଟଣା ଗ୍ରାମକୁ ୬ ଦିନ ପାଇଁ ଶଟ୍‌ଡାଉନ କରାଯାଇଛି। ମାଳପାଟଣା ଗ୍ରାମର ଏକ ସଙ୍ଗରୋଧ କେନ୍ଦ୍ରରୁ ଜଣେ ଆକ୍ରାନ୍ତ ଚିହ୍ନଟ ହେବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ସେହିପରି ଅରେହିକଣା ପଞ୍ଚାୟତର କୁମ୍ଭାରଟଙ୍କା ଗ୍ରାମରୁ ୨ ଆକ୍ରାନ୍ତ ଚିହ୍ନଟ ପରେ କଣ୍ଟେନମେଣ୍ଟ ଜୋନ ଅବଧିକୁ ଆଉ ୭ ଦିନ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଗ୍ରାମର ୧୨ ଜଣ ଚିହ୍ନଟ ହୋଇଥିଲେ। ମଙ୍ଗଳବାର ଅବଧି ସରୁଥିବା ବେଳେ ପୁନର୍ବାର ପଜିଟିଭ ଚିହ୍ନଟ ହେବାରୁ ଅବଧି ବୃଦ୍ଧି କରାଯାଇଛି ବୋଲି ବିଡିଓ ଦ୍ୱିବେନ୍ଦୁ ଦାସ ସୂଚନା ଦେଇଛନ୍ତି।

## କେନ୍ଦ୍ରାପଡ଼ାରେ ୧୪ ଆକ୍ରାନ୍ତ, ମୋଟ ସଂଖ୍ୟା ୪୪୧

କେନ୍ଦ୍ରାପଡ଼ା ଅଫିସ, ୨୮।୭

କେନ୍ଦ୍ରାପଡ଼ା ଜିଲାରେ ମଙ୍ଗଳବାର ୧୪ କରୋନା ଆକ୍ରାନ୍ତ ଚିହ୍ନଟ ପରେ ମୋଟ ସଂଖ୍ୟା ୪୪୧ରେ ପହଞ୍ଚିଛି। ପୂର୍ବରୁ ଜିଲାର ୭ ସ୍ଥାନ ସହ ସୋମବାର ସନ୍ଧ୍ୟାରେ ୩ ଅଞ୍ଚଳକୁ ଜିଲା ପ୍ରଶାସନ ପକ୍ଷରୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। କେନ୍ଦ୍ରାପଡା ମୁନିସିପାଲିଟିର ୩ ଓ ୫ନଂ. ୱାର୍ଡର ଆଂଶିକ ଅଞ୍ଚଳ, ମହାକାଳପଡା ଖୁରୁସିଆ ଗ୍ରାମର ୩ନଂ. ୱାର୍ଡ ଓ କେନ୍ଦ୍ରାପଡା ବ୍ଲକ କପାଳେଶ୍ୱର ପଞ୍ଚାୟତର ୧୨ନଂ. ୱାର୍ଡ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହୋଇଛି । ନୂଆ ଆକ୍ରାନ୍ତ ମଧ୍ୟରେ ଆଳିର ୩, ଡେରାବିଶର ୪, କେନ୍ଦ୍ରାପଡାର ୩, ମହାକାଳପଡାର ୩ ଓ ଗରଦପୁର ବ୍ଲକର ଜଣେ ବ୍ୟକ୍ତି ଅଛନ୍ତି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଚିହ୍ନଟ ୧୪ ଜଣଙ୍କ ମଧ୍ୟରୁ ୭ ଜଣ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ସମସ୍ତଙ୍କୁ କୋଭିଡ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଜିଲାପାଳ ନିବେଦନ କରିଛନ୍ତି, ଏହି ମହାମାରୀର ନିରାକରଣ ପାଇଁ ସମସ୍ତେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେବା ସହିତ କରୋନା ଲକ୍ଷଣ ଥିବା ବ୍ୟକ୍ତିଙ୍କ ସୂଚନା ଜିଲା ପ୍ରଶାସନକୁ ଦିଅନ୍ତୁ। ସୂଚନାଦାତାଙ୍କ ନାମ ଗୋପନ ରହିବ।

# ସରିଲାନି ବିଲ୍ଡିଂ, ପାଚେରି ନିର୍ମାଣ

ଉତ୍କଳ ବିଶ୍ୱ ବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସ

■ଭିତ୍ତିପ୍ରସ୍ତର ସ୍ଥାପନକୁ ୩ବର୍ଷ ପୂରିଲା

ଚଣ୍ଡିଖୋଲ,୨୮।୭ (ଡି.ଏନ୍.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ସିହାଠାରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ନିର୍ମାଣ ପାଇଁ ୨୦୧୭ରୁ ଭିତ୍ତିପ୍ରସ୍ତର ସ୍ଥାପନ ସରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସରିପାରିନି। ୨୦୧୯ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହୋଇ ଶିକ୍ଷାଦାନ ଆରମ୍ଭ ହେବ ବୋଲି ୨୦୧୭ ମସିହାରେ ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ଘୋଷଣା କରାଯାଇଥିଲା। ହେଲେ ଇତିମଧ୍ୟରେ ୩ବର୍ଷ ପୁରିବାକୁ ବସିଥିବା ବେଳେ ନିର୍ମାଣ କାର୍ଯ୍ୟ ଏବେ ଆରମ୍ଭ କରାଯାଉଥିବା ଦେଖାଯାଇଛି। ଏହା ନିର୍ମାଣ ହେଲେ ଏଠାରେ ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦିଆଯିବା ସହ ସ୍ଥାନୀୟ କଳାକାରମାନଙ୍କ ପାଇଁ ସାର୍ଟିଫିକେଟ୍ କୋର୍ସ ଓ କୃଷକ ତାଲିମ ଏବଂ ମହିଳା ସଶକ୍ତୀକରଣ ଉପରେ ସାର୍ଟିଫିକେଟ୍ ପାଠ୍ୟକ୍ରମ ପ୍ରଦାନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଥିଲା। ହେଲେ ଏ ଯାଏ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ସରି ନ ଥିବା ବେଳେ ଚଣ୍ଡିଖୋଲଠାରେ ଥିବା ବାବା ଭୈରବାନନ୍ଦ ମହାବିଦ୍ୟାଳୟ ପରିସରରେ ଏହା ଅସ୍ଥାୟୀ ଭାବେ ଚାଲୁଛି। ଭିତ୍ତିପ୍ରସ୍ତ ସ୍ଥାପନର ୩ବର୍ଷ ପୁରିବାକୁ ବସିଥିଲେ ବି ବିଲ୍ଡିଂ ଓ ପାଚେରୀ ନିର୍ମାଣ ସରି ନ ଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି।

୨୦୧୭ ଜୁଲାଇ ୩୧ରେ ପୂର୍ବତନ ଉଚ୍ଚ ଶିକ୍ଷାମନ୍ତ୍ରୀ ଅନନ୍ତ ଦାସ ବିଶ୍ୱ ବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଲ୍ଡିଂ ନିର୍ମାଣ ପାଇଁ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ପାଚେରୀ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧କୋଟି ୭୬ଲକ୍ଷ ବ୍ୟୟ ଅଟକଳ ଧାର୍ଯ୍ୟ ହୋଇଛି। ଉତ୍ତରପ୍ରଦେଶର ଏକ ଠିକାସଂସ୍ଥା (ଏମବିସିସି)କୁ ବିଲ୍ଡିଂ ନିର୍ମାଣ ଦାୟିତ୍ୱ ଦିଆଯାଇଥିବା ବେଳେ ପାଚେରୀ ନିର୍ମାଣ ଦାୟିତ୍ୱ ପୂର୍ତ୍ତ ବିଭାଗ ହାତରେ ରହିଛି। ତେବେ ବିଲ୍ଡିଂ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହାଛଡ଼ା ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ରଡ଼, ସିମେଣ୍ଟ ଓ ଗୋଡ଼ି ଆଦି ନିମ୍ନମାନର ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରୋହିତ ବିଶ୍ୱାଳଙ୍କୁ ପଚାରିବାରେ କେବଳ ପାଚେରୀ ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଜମି ବାବାଦ ଯୋଗୁ ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଥିବା କହିଛନ୍ତି। ତେବେ ବିଲ୍ଡିଂ ନିର୍ମାଣରେ ବିଳମ୍ବ ଓ ଅନିୟମିତତା ସମ୍ପର୍କରେ ପଚାରିବାକୁ ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକାସଂସ୍ଥା ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ବି ତାହା ସମ୍ଭବ ହୋଇପାରିନି।



ଉତ୍କଳ ବିଶ୍ୱ ବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସର ପାଚେରି କାମ ଚାଲିଛି।

